# ଉଦ୍ୟାନକୃଷି ଉପନିର୍ଦ୍ଦେଶକ, କେନ୍ଦୁଝରଙ୍କ କାର୍ଯ୍ୟାଳୟ, କେନ୍ଦୁଝର

## (ଫଳ ନିଲାମ ସମ୍ବନ୍ଧେ)

## ନିଲାମ ବିଜ୍ଞାପନ ସଂଖ୍ୟା- ୬୯୨ / ଉଦ୍ୟାନକୃଷି ତା୨୫.୦୨.୨୦୨୬

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ, ଉଦ୍ୟାନକୃଷି ଫାର୍ମ ଓ ବ୍ଲକ୍ ସ୍ତରୀୟ ନର୍ସରୀରେ ଫଳନ୍ତି ଆମ୍ବ ଓ ଲିଚୁ ଗଛର ଫଳ ନିଲାମ ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ତରଫରୁ ଜଉମୁଦ ଦିଆ ନିଲାମ ଆବେଦନ ଆହ୍ୱାନ କରାଯାଉଅଛି । ନିଲାମ ସଂକ୍ରାନ୍ତୀୟ ନିର୍ଦ୍ଧାରିତ ଫର୍ମ ଓ ସମସ୍ତ ସର୍ତାବଳୀ ତଥ୍ୟ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ **ତା୨୭.୦୨.୨୦୨୬**ରିଖ ଠାରୁ ସମସ୍ତ ସରକାରୀ କାର୍ଯ୍ୟ ଦିବସମାନଙ୍କରେ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ **ଟ ୨୦୦/-ଙ୍କା (ଦୁଇଶତ ଟଙ୍କା)** ମାତ୍ର ବିନିମୟରେ ଉପଲବ୍ଧ ହେବ ।

| ଫାର୍ମର ନାମ | ଗଛର ନାମ | ଗଛର ବୟସ | ବଉଳି ଥିବା ଗଛ ସଂଖ୍ୟା | ଜଉମୁଦ ଦିଆ ନିଲାମ ଆବେଦନ ପହଁଚିବା ଶେଷ ତାରିଖ ଓ ସମୟ | ସଫଳ ନିଲାମଧାରୀ ଚୟନ ପାଇଁ ବୈଠକର ତାରିଖ ଓ ସମୟ | ଆବେଦନ ଦରଖାସ୍ତ ସହିତ ଅମାନତ ରାଶି |
|---|---|---|---|---|---|---|
| କୁଆଁର ଫାର୍ମ | ଆମ୍ବ | ୨୦-୨୫ ବର୍ଷ | ୨୬୬୧ | ତା.୧୧.୦୩.୨୦୨୬ରିଖ ଅପରାହ୍ନ ୫.୩୦ ଘଟିକା ସୁଦ୍ଧା ପହଁଚିବା ଆବଶ୍ୟକ । | ତା୧୨.୦୩.୨୦୨୬ରିଖ ପୂର୍ବାହ୍ନ ୧୦.୩୦ଘଟିକାରେ ଜଉମୁଦା ଲଫାପା ଗୁଡିକ ଖୋଲାଯିବ । | ଆବେଦନ ନିଲାମରାଶିର ୧୦% (DD / BD) ଡିମାଣ୍ଡ ଡ୍ରାଫ୍ଟ / ବ୍ୟାଙ୍କ ଡ୍ରାଫ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, କେନ୍ଦୁଝରଙ୍କ ନାମରେ କରାଯିବା ବିଧେୟ |
| | ଲିଚୁ | ୨୦-୨୫ ବର୍ଷ | ୩୭ | | | |
| ତରମାକାନ୍ତ ଫାର୍ମ | ଆମ୍ବ | ୨୦-୨୫ | ୬୯୧ | | | |
| ବ୍ଲକ୍ ସ୍ତରୀୟ ନର୍ସରୀ, ବୋଦାପଳସା | ଆମ୍ବ | ୮-୯ ବର୍ଷ | ୧୯୮ | | | |
| ବ୍ଲକ୍ ସ୍ତରୀୟ ନର୍ସରୀ, ପାଟଣା | ଆମ୍ବ | ୮-୯ ବର୍ଷ | ୨୭୦ | | | |
| ଭୂଇଁପୁର ଫାର୍ମ, ଚମ୍ପୁଆ | ଆମ୍ବ | ୨୦-୨୫ ବର୍ଷ | ୭୧୦ | | | |

ଆଗ୍ରହୀ ଆବେଦନକାରୀମାନେ ନିଲାମ ମୂଲ୍ୟ ଆକଳନ ପାଇଁ ଯେକୌଣସି ସରକାରୀ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୫.୩୦ ଘଟିକା ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ ଅନୁମତି ନେଇ ଉକ୍ତ ଫଳ ବଗିଚା ପରିଦର୍ଶନ କରିପାରିବେ । ବିଭିନ୍ନ ଫାର୍ମ ପାଇଁ ପୃଥକ୍ ପୃଥକ୍ ଆବେଦନ ଫର୍ମ ସହିତ ଫର୍ମ କିଣା ରଶିଦ ଓ ଅମାନତରାଶିର DD/ BD ଜଉମୁଦ ଦିଆ ଲଫାପାରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ଠିକଣା: ଉଦ୍ୟାନକୃଷି ଉପନିର୍ଦ୍ଦେଶକ, କେନ୍ଦୁଝରଙ୍କ କାର୍ଯ୍ୟାଳୟ, କେନ୍ଦୁଝର - ୭୫୮୦୦୧ ରେ ଉପର ଲିଖିତ ନିର୍ଦ୍ଧାରିତ ସମୟ ମଧ୍ୟରେ ପହଁଚିବା ଆବଶ୍ୟକ ।

ଉଦ୍ୟାନକୃଷି ଉପନିର୍ଦ୍ଦେଶକ,
କେନ୍ଦୁଝର

## ଉଦ୍ୟାନକୃଷି ବିଭାଗ ଅଧୀନରେ ଥିବା ସରକାରୀ ଫାର୍ମ ଓ ନର୍ସରୀ ଫଳ ବଗିଚାର ନିଲାମ ନେବା ନିମନ୍ତେ

## ସର୍ତାବଳୀ ଓ ବୁଝାମଣା ୨୦୨୫-୨୬

୧) ଅସଂପୂର୍ଣ୍ଣ ଆବେଦନ ପତ୍ର କିମ୍ବା ଆବେଦନ ପତ୍ର ସହିତ ଆବଶ୍ୟକ ସମସ୍ତ ନଥି ପତ୍ର ସଂଲଗ୍ନ ନ ଥିଲେ ଆବେଦନପତ୍ର ନାକଚ କରାଯିବ ।

୨) ନିଲାମ ସଂକ୍ରାନ୍ତୀୟ ନିର୍ଦ୍ଧାରିତ ଫର୍ମ ଓ ସମସ୍ତ ସର୍ତାବଳୀ ତଥ୍ୟ ନିମ୍ନ ସାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ୨୭.୦୨.୨୦୨୬ରିଖ ଠାରୁ ସମସ୍ତ ସରକାରୀ କାର୍ଯ୍ୟ ଦିବସ ମାନଙ୍କରେ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ ଟ ୨୦୦/-ଙ୍କା (ଦୁଇଶତ ଟଙ୍କା) ମାତ୍ର ବିନିମୟରେ ଉପଲବ୍ଧ ହେବ ।

୩) ଆଗ୍ରହୀ ଆବେଦନକାରୀମାନେ ନିଲାମମୂଲ୍ୟ ଆକଳନ ପାଇଁ ନିମ୍ନସାକ୍ଷରକାରୀଙ୍କ ଅନୁମତିନେଇ ଯେକୌଣସି ସରକାରୀ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୫.୩୦ ଘଟିକା ମଧ୍ୟରେ ଉକ୍ତ ଫଳ ବଗିଚା ପରିଦର୍ଶନ କରିପାରିବେ ଏବଂ ନିର୍ଦ୍ଧାରିତ ଆବେଦନ ପତ୍ର ସହିତ ଫର୍ମକିଣାରଶିଦ ଓ ଅମାନତ ରାଶି **(ଆବେଦନ ନିଲାମ ରାଶିର ୧୦ % : ଡିମାଣ୍ଡଡ୍ରାଫ୍ଟ / ବ୍ୟାଙ୍କଡ୍ରାଫ୍ଟ (DD / BD from Nationalised bank ) - In favour of Deputy Director of Horticulture, Keonjhar payable at Keonjhar)** ଜଉମୁଦ ଦିଆଲଫାପାରେ ନିମ୍ନସାକ୍ଷରକାରୀଙ୍କ **କାର୍ଯ୍ୟାଳୟ ଠିକଣା: ଉଦ୍ୟାନକୃଷି ଉପନିର୍ଦ୍ଦେଶକ କେନ୍ଦୁଝରଙ୍କ କାର୍ଯ୍ୟାଳୟ , କେନ୍ଦୁଝର ରେ ତା୧୧.୦୩.୨୦୨୬ରିଖ ଅପରାହ୍ନ ୫.୩୦ ଘଟିକା ମଧ୍ୟରେ ରେଜେଷ୍ଟ୍ରିଡାକ / ସ୍ପିଡ୍‌ଡାକ/ କୋରିୟରସର୍ଭିସ୍ ଯୋଗେ ପହଁଚିବା ଆବଶ୍ୟକ** । ଧାର୍ଯ୍ୟ ସମୟ ପରେ କିମ୍ବା ବିଳମ୍ବରେ ପହଁଚିଥିବା ଆବେଦନ ପତ୍ରକୁ ଗ୍ରହଣ କରାଯିବ ନାହିଁ । କୌଣସି କାରଣ ପାଇଁ ଡାକ ଯୋଗେ ଜଉମୁଦ ଦିଆ ଲଫାପାରେ ଆବେଦନ ପତ୍ର ପହଁଚିବାର ବିଳମ୍ବ ଅଥବା ହସ୍ତଗତ ନ ହେଲେ ନିମ୍ନସାକ୍ଷରକାରୀ ଦାୟି ରହିବେ ନାହିଁ ।

୪) ଜଉମୁଦ ଲଫାପା ଉପରେ ଆବେଦନ କରୁଥିବା ଫାର୍ମ ବା ନର୍ସରୀର ନାମ ଉଲ୍ଲେଖ ରହିବା ଆବଶ୍ୟକ ।

୫) ଆବେଦନକାରୀଙ୍କ ବୟସ ୧୮ବର୍ଷରୁ ଉର୍ଦ୍ଧ ହୋଇଥିବା ଆବଶ୍ୟକ ।

୬) ଜଉମୁଦ ଲଫାପା ଗୁଡିକ **ତା୧୨.୦୩.୨୦୨୬ରିଖ ପୂର୍ବାହ୍ନ ୧୦.୩୦ଘଟିକା** ସମୟରେ **ଉଦ୍ୟାନକୃଷି ଉପନିର୍ଦ୍ଦେଶକ, କେନ୍ଦୁଝରଙ୍କ କାର୍ଯ୍ୟାଳୟ , କେନ୍ଦୁଝର** ଠାରେ ଉପସ୍ଥିତ ନିଲାମ କମିଟିର ସଭ୍ୟ ତଥା ନିଲାମ ଆବେଦନକାରୀ କିମ୍ବା ସେମାନଙ୍କର ପ୍ରତିନିଧିଙ୍କ ସମ୍ମୁଖରେ ଖୋଲାଯିବ । ସର୍ବୋଚ୍ଚ ନିଲାମ ଧାରୀ, ନିଲାମ ମୂଲ୍ୟର ସମସ୍ତ ଟଙ୍କା ନଗଦରାଶି / DD ନିଲାମ କମିଟି ବୈଠକରେ ହିଁ ପୈଠକରିବେ । ଯଦି ଧାର୍ଯ୍ୟ ସମୟ ମଧ୍ୟରେ ନିର୍ଦ୍ଧାରିତ ନିଲାମ ମୂଲ୍ୟର ସମସ୍ତଟଙ୍କା ପୈଠ କରି ନ ପାରିବେ, ତେବେ ଉକ୍ତ ଦିନ ଦ୍ୱିତୀୟ ସର୍ବୋଚ୍ଚ ନିଲାମ ଆବେଦନକାରୀଙ୍କୁ ନିଲାମ ନେବାକୁ ସୁଯୋଗ ଦିଆଯିବ ଓ ପ୍ରଥମ ନିଲାମ ଆବେଦନକାରୀଙ୍କ ଅମାନତରାଶି ବାଜ୍ୟାପ୍ତି କରାଯିବ ।

୭) ଅସଫଳ ନିଲାମ ଆବେଦନକାରୀଙ୍କୁ ସେହିଦିନ ସେମାନଙ୍କ ଅମାନତରାଶିର ଡିମାଣ୍ଡଡ୍ରାଫ୍ଟ / ବ୍ୟାଙ୍କଡ୍ରାଫ ଫେରସ୍ତ ଦିଆଯିବ ଏବଂ ସଫଳ ନିଲାମଧାରୀଙ୍କ ଅମାନତରାଶି, ନିଲାମ ସିକ୍ୟୁରିଟିରାଶି (BID SECURITY MONEY) ରୂପେ ଜମା ରହିବ । ବଗିଚାରୁ ଫଳ ଅମଳ ଅବଧି ମଧ୍ୟରେ ବଗିଚାର କୌଣସି କ୍ଷୟକ୍ଷତି ନ କରିଥିଲେ, ଚୁକ୍ତି ସମୟ ଅବଧି ଶେଷରେ ଅର୍ଥାତ୍ ତା୩୦.୦୬.୨୦୨୬ରିଖ ପରେ ଏହି ସିକ୍ୟୁରିଟିରାଶି ଫେରସ୍ତ ଦିଆଯିବ । ଏହିସମୟ ମଧ୍ୟରେ ବଗିଚାର କୌଣସି କ୍ଷୟକ୍ଷତି କରିଥିଲେ, ତାଙ୍କୁ କ୍ଷୟକ୍ଷତିର ପୂର୍ଣ୍ଣମୂଲ୍ୟ ଭରଣା କରିବାକୁ ହେବ ଓ ଆବଶ୍ୟକ ପଡିଲେ ତାଙ୍କ ବିରୁଦ୍ଧରେ ଆଇନ ଗତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ।

୮) ସର୍ବୋଚ୍ଚ ଆବେଦନ ନିଲାମଟଙ୍କା, ସରକାରୀ ସର୍ବନିମ୍ନ ଆକଳନଟଙ୍କା (UPSET PRICE) ଠାରୁ କମ୍ ହୋଇଥିଲେ, ଆବେଦନକରୀମାନଙ୍କୁ ନିଲାମ କମିଟିର ସଭ୍ୟମାନଙ୍କ ସମ୍ମୁଖରେ ସରକାରୀ ସର୍ବନିମ୍ନ ଆକଳନ ମୂଲ୍ୟଠାରୁ ଅଧିକମୂଲ୍ୟରେ ନେବା ପାଇଁ ଆହ୍ୱାନ କରାଯାଇ ସର୍ବୋଚ୍ଚ ନିଲାମଧାରୀଙ୍କୁ ଚୟନ କରାଯିବ ।

୯) ସରକାରୀ ସର୍ବନିମ୍ନ ଆକଳନ ଟଙ୍କା (UPSET PRICE) ପରିପ୍ରକାଶ ବାଧ୍ୟତାମୂଳକ ନୁହେଁ ।

୧୦) ଧାର୍ଯ୍ୟ ସମସ୍ତ ନିଲାମଟଙ୍କା କାର୍ଯ୍ୟାଳୟରେ ପୈଠକରିବା ପରେ ସଫଳ ନିଲାମଧାରୀ, ଉଦ୍ୟାନକୃଷି ଉପନିର୍ଦ୍ଦେଶକ, କେନ୍ଦୁଝରଙ୍କ ସହିତ ଚୁକ୍ତି ନାମାରେ ସାକ୍ଷର କରିବେ ଏବଂ ବଗିଚାରେ ପ୍ରବେଶ ଓ ଫଳ ଅମଳ ପାଇଁ ଅନୁମତି ପାଇବେ ।

୧୧) ଫଳ ତୋଳିବା ଅବଧି, ଫଳ ତୋଳିବା ପାଇଁ ଅନୁମତି ପାଇବା ଦିନଠାରୁ ତା୩୦.୦୬.୨୦୨୬ରିଖ ପର୍ଯ୍ୟନ୍ତ ସୀମିତ ରହିବ ।

୧୨) ବଗିଚାର ଅମଳକ୍ଷମତା ଅବଗତି ଓ ବଗିଚାରମାନ ନିରୂପଣ ନିମନ୍ତେ, ଫଳ ଅମଳ ସମୟରେ ଫଳ ନିଲାମଧାରୀ ପ୍ରତ୍ୟେକ ଦିନ ଅମଳ ତଥ୍ୟ ପ୍ରଦାନ କରିବାକୁ ବାଧ୍ୟ ରହିବେ ।

୧୩) ପ୍ରାକୃତିକ ଦୁର୍ବିପାକଜନିତ ଅମଳକ୍ଷୟକ୍ଷତି ପାଇଁ ନିମ୍ନସାକ୍ଷରକାରୀ ଦାୟୀରହିବେ ନାହିଁ ।

୧୪) ଆବଶ୍ୟକ ସ୍ଥଳେ କୌଣସିକାରଣ ନ ଦର୍ଶାଇ ଉପରୋକ୍ତ ନିଲାମ ପ୍ରକ୍ରିୟା ବାତିଲ କରିବା କ୍ଷମତା ନିମ୍ନସାକ୍ଷାରକାରୀଙ୍କ ସମ୍ପୂର୍ଣ୍ଣ ପରିସରଭୁକ୍ତ ।

୧୫) କୌଣସିଜଟିଳ ପରିସ୍ଥିତି ଉପୁଜିଲେ, ଉଦ୍ୟାନକୃଷି ନିର୍ଦ୍ଦେଶକ, ଓଡିଶାଙ୍କ ନିଷ୍ପତି ହିଁ ଚୂଡାନ୍ତ ।

**ଉପରୋକ୍ତ ସମସ୍ତ ସର୍ତାବଳୀ ସମ୍ପୁର୍ଣ୍ଣ ବୁଝି ପାଳନ ପାଇଁ ଆମ୍ଭେ (ନିଲାମକାରି ଓ ନିଲାମଧାରୀ) ସହମତି ପ୍ରଦାନ କରୁଅଛୁ ।**

| | | |
|---|---|---|
| ତାରିଖ : | ଉଦ୍ୟାନକୃଷି ଉପନିର୍ଦ୍ଦେଶକ<br>କେନ୍ଦୁଝର | ନିଲାମ ଆବେଦନକାରୀଙ୍କ<br>ପୂର୍ଣ୍ଣଦସ୍ତଖତ |
| ସ୍ଥାନ : | ସାକ୍ଷୀ: | ସାକ୍ଷୀ: |